# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 June – 2026**

**********************************

## <u>ମୁଖ୍ୟ ସମ୍ବାଦ</u>

- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପ୍ରତିରକ୍ଷା କ୍ଷେତ୍ରରେ ଦେଶର ଆତ୍ମନିର୍ଭରତାକୁ ସୁଦୃଢ଼ କରିଛି; କହିଲେ ପ୍ରଧାନମନ୍ତ୍ରୀ

— ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗ ଦିବସର ସଫଳତା ଉପରେ କଲେ ଆଲୋକପାତ

- ରାଷ୍ଟ୍ରୀୟ ପଲ୍ସ୍ ପୋଲିଓ ଟିକାକରଣ ଅଧୀନରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟରେ ଜାରି ରହିବ ପୋଲିଓ ବୁନ୍ଦା ପ୍ରଦାନ ଅଭିଯାନ

- ଆସନ୍ତାକାଲି ସ୍ନାନପୂର୍ଣ୍ଣିମା; ପୁରୀ ଶ୍ରୀମନ୍ଦିରରେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି

ଏବଂ

- ସକ୍ରିୟ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର ଦକ୍ଷିଣାଞ୍ଚଳରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବର୍ଷା ପରିମାଣ

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀରେ 'ମନ୍ କି ବାତ୍'ର ୧୩୫ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରି ଦେଶର ସୁରକ୍ଷା, ଆତ୍ମନିର୍ଭରତା, ଜନଭାଗୀଦାରି, ପରିବେଶ ସୁରକ୍ଷା ଏବଂ ଭାରତୀୟ ସଂସ୍କୃତିର ପ୍ରସାର ଉପରେ ଆଲୋକପାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଜୁନ୍ ମାସରେ ସ୍ୱଦେଶୀ ଯୁଦ୍ଧଜାହାଜ ଆଇଏନଏସ୍ ଦୁନାଗିରି, ସଂଶୋଧକ ଓ ଅଗ୍ରୟ ଭାରତୀୟ ନୌସେନାରେ ସାମିଲ ହେବା ସହିତ 'ମେଡ୍ ଇନ୍ ଇଣ୍ଡିଆ' ସି-୨୯୫ ବିମାନର ପ୍ରଥମ ଉଡ଼ାଣ ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ଡିଆରଡିଓ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତାକୁ ଆହୁରି ସୁଦୃଢ଼ କରିଛି ।

ଆନ୍ତର୍ଜାତିକ ଯୋଗ ଦିବସର ସଫଳ ଆୟୋଜନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱର ୨ ହଜାର ୫୦୦ରୁ ଅଧିକ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଅହମ୍ମଦାବାଦରେ ଅନୁଷ୍ଠିତ ବିଶ୍ୱ ଯୋଗାସନ ଚାମ୍ପିଅନ୍‌ଶିପ୍‌ରେ ଭାରତ ୧୦୨ଟି ସ୍ୱର୍ଣ୍ଣ ପଦକ ସମେତ ୧୧୪ଟି ପଦକ ହାସଲ କରି ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ପ୍ରଧାନମନ୍ତ୍ରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

**- V/O - (PM-Yoga)**

ପଶ୍ଚିମ ଏସିଆର ପରିସ୍ଥିତି ପରିପ୍ରେକ୍ଷୀରେ ଦେଶବାସୀଙ୍କୁ ସୁନା କ୍ରୟ ସ୍ଥଗିତ ରଖିବା, ବିଦେଶ ଭ୍ରମଣ କମ୍ କରିବା, କାର୍ ପୁଲିଂ ଏବଂ ପ୍ରାକୃତିକ ସାରର ବ୍ୟବହାର ବୃଦ୍ଧି କରିବା ଭଳି ଆହ୍ୱାନକୁ ଲୋକେ ସକାରାତ୍ମକ ଭାବେ ଗ୍ରହଣ କରିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି । ଏହି ଜନଭାଗୀଦାରି ଦେଶକୁ ଯେକୌଣସି ବିଶ୍ୱସ୍ତରୀୟ ସଙ୍କଟର ସଫଳ ମୁକାବିଲା କରିବାର ଶକ୍ତି ପ୍ରଦାନ କରିବ ବୋଲି ସେ କହିଛନ୍ତି ।

**- V/O - (PM-West Asia)**

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଜୀବନ ଜ୍ୟୋତି ବୀମା ଯୋଜନାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ ହେବାକୁ ଶ୍ରୀ ମୋଦୀ ଆହ୍ୱାନ ଜଣାଇଛନ୍ତି ।

ଅନ୍ଧବିଶ୍ୱାସ ବିରୋଧରେ ବୈଜ୍ଞାନିକ ଚିନ୍ତାଧାରାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ଆସାମର 'ହର୍ଗିଲା' ପକ୍ଷୀ ସଂରକ୍ଷଣ ପାଇଁ ପୂର୍ଣ୍ଣିମା ଦେବୀ ବର୍ମନ ଓ 'ହର୍ଗିଲା ଆର୍ମି'ର ଉଦ୍ୟମର ପ୍ରଶଂସା କରିଥିଲେ ।

ସେହିପରି ନାଗାଲାଣ୍ଡର ବେବି ଲିଗ୍ ଓ ମହିଳା ଫୁଟସାଲ୍ ଲିଗ୍ ମାଧ୍ୟମରେ ଶିଶୁ ଓ ମହିଳାଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ବିକାଶର ପ୍ରୟାସକୁ ସେ ସାଧୁବାଦ ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରାଚୀନ 'ଶାସ୍ତ୍ରାର୍ଥ' ପରମ୍ପରାକୁ ପୁନର୍ଜୀବିତ କରିଛି ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା ଓ ଡାଟା ସାଇନ୍ସରେ ବି.ଟେକ୍ ପାଠ୍ୟକ୍ରମ ଆରମ୍ଭ କରି

ପାରମ୍ପରିକ ଜ୍ଞାନ ସହ ଆଧୁନିକ ପ୍ରଯୁକ୍ତିର ସମନ୍ୱୟ ଦିଗରେ ପଦକ୍ଷେପ ନେଇଛି ।

**- V/O -(PM-Technology)**

ଶ୍ରୀ ମୋଦୀ ମେଘାଳୟର ଜୀବନ୍ତ 'ରୁଟ୍ ବ୍ରିଜ୍' ସଂରକ୍ଷଣ ପାଇଁ ସ୍ଥାନୀୟ ଲୋକଙ୍କ ଉଦ୍ୟମ ଏବଂ ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲାର ମହିଳାମାନଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ 'ପରିବେଶ ଅନୁକୂଳ ଇଟା' ପ୍ରସ୍ତୁତ କରି ପରିବେଶ ସୁରକ୍ଷା ପାଇଁ କରାଯାଉଥିବା କାର୍ଯ୍ୟର ପ୍ରଶଂସା କରିଛନ୍ତି ।

ଆଗାମୀ ଗଣେଶ ପୂଜା ଅବସରରେ ଦେଶବାସୀଙ୍କୁ ସ୍ଥାନୀୟ କୁମ୍ଭକାରଙ୍କ ଦ୍ୱାରା ନିର୍ମିତ ମାଟିର ଗଣେଶ ମୂର୍ତ୍ତି ବ୍ୟବହାର କରିବାକୁ ଏବଂ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ମୂର୍ତ୍ତି କ୍ରୟ ନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ମନ୍ କି ବାତ୍‌ରେ ଶ୍ରୀ ମୋଦୀ 'କ୍ୟାଚ୍ ଦ ରେନ୍' ଅଭିଯାନକୁ ଆହୁରି ସୁଦୃଢ଼ କରି ପ୍ରତିଟି ବର୍ଷା ବିନ୍ଦୁର ସଂରକ୍ଷଣ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ।

## ପଲ୍ସ ପୋଲିଓ

ରାଷ୍ଟ୍ରୀୟ ପଲ୍ସ ପୋଲିଓ ଟିକାକରଣ ଅଧୀନରେ ଆଜି ଦେଶବ୍ୟାପୀ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି । ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଭୁବନେଶ୍ୱରସ୍ଥିତ ଆଇଆରସି ଭିଲେଜ ସହରାଞ୍ଚଳ ପ୍ରାଥମିକ

ସ୍ୱାସ୍ଥ୍ୟକେନ୍ଦ୍ରରେ ପଲ୍ସ୍ ପୋଲିଓ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡକ୍ଟର ମହାଲିଙ୍ଗ ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ଏବଂ ଦେଶ ତଥା ରାଜ୍ୟକୁ ସଂପୂର୍ଣ୍ଣ ପୋଲିଓମୁକ୍ତ କରିବା ଲାଗି ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡୀ କେନ୍ଦ୍ର, ବସ୍ ଷ୍ଟାଣ୍ଡ ଓ ରେଳଷ୍ଟେସନ୍ ସମେତ ବିଭିନ୍ନ ସ୍ଥାନରେ ପୋଲିଓ ବୁଥ୍ ଖୋଲାଯାଇଛି। ଏହି ଅଭିଯାନରେ ଆଶା କର୍ମୀ, ଅଙ୍ଗନୱାଡୀ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ସାମିଲ ହୋଇଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟର ୪୦ ରୁ ୪୫ ଲକ୍ଷ ପର୍ଯ୍ୟନ୍ତ ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ପଲ୍ସ ପୋଲିଓ ବୁନ୍ଦା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି।

୨୦୧୪ ମସିହାରୁ ଭାରତ ପୋଲିଓମୁକ୍ତ ଦେଶର ମାନ୍ୟତା ପାଇଥିଲେ ମଧ୍ୟ ପୋଲିଓ ଭୂତାଣୁର ପୁନଃ ସଂକ୍ରମଣ ରୋକିବା ଓ ଶିଶୁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ନିୟମିତ ଭାବେ ପଲ୍ସ୍ ପୋଲିଓ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

ଏହି ଅଭିଯାନ ଅନ୍ତର୍ଗତ **ଗଜପତି** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ପଲ୍ସ୍ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମଞ୍ଜୁରାଣୀ ଜେନା କହିଛନ୍ତି, ଜିଲ୍ଲାର ୬୬ ହଜାର ୩୬୫ ଜଣ ଶିଶୁଙ୍କୁ ୫୭୪ଟି ବୁଥ୍‌ରେ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଛି।

**ଭଦ୍ରକ** ଜିଲ୍ଲାରେ ୮୨୦ଟି କେନ୍ଦ୍ରରେ ୧ ଲକ୍ଷ ୪୨ ହଜାର ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

**ରାୟଗଡ଼ା**ରେ ୧ ହଜାର ୩୨ଟି ବୁଥରେ ୧ ଲକ୍ଷ ୧୧ ହଜାର ୧୬୧ ଜଣ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏଥିପାଇଁ ୨ ହଜାର ୬୪ ଜଣ ସ୍ୱାସ୍ଥ୍ୟକର୍ମୀ ଓ ୧୨୬ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି।

**କଳାହାଣ୍ଡି**ରେ ୧ ଲକ୍ଷ ୪୫ ହଜାର ୨୦୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟ ଆରମ୍ଭ ହୋଇଛି।

# ପୁରୀ - ସ୍ନାନଯାତ୍ରା

ଶ୍ରୀଜିଉଙ୍କ ପବିତ୍ର ସ୍ନାନଯାତ୍ରା ଆସନ୍ତାକାଲି ଅନୁଷ୍ଠିତ ହେବ । ଆଜି ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସ୍ନାନ ପୂର୍ଣ୍ଣିମା ପହଣ୍ଡି ପୂର୍ବରୁ ଦଇତାପତି ସେବକମାନେ ମହାପ୍ରଭୁଙ୍କର ବାହୁଟ କଣ୍ଠ ଓ ସେନାପଟା ଲାଗି ନୀତି ସମ୍ପନ୍ନ କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବାପାଇଁ ଶ୍ରୀମନ୍ଦିର, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି, ଦେବସ୍ନାନ ପୂର୍ଣ୍ଣିମା ଲାଗି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

**- V/O – (ଡକ୍ଟର ଅରବିନ୍ଦ ପାଢ଼ୀ)**

## ଏମ୍‌ଏସ୍‌ଏମ୍‌ଇ

**ନୂଆପଡା** ଜିଲ୍ଲାରେ ଉଦ୍ୟମିତା ବିକାଶ ଓ ଶିଳ୍ପ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଓ ମହିଳା ଉଦ୍ୟମିତା ମଂଚ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଧାୟକ ଜୟ ଢୋଲକିଆ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ହୋଇଥିବା ସୁଯୋଗ ଓ ସରକାରୀ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ ।

## ମାଓ ସାମଗ୍ରୀ ଜବତ

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲ୍ଲାର କାଲିମେଲା ଥାନା ଅନ୍ତର୍ଗତ ଗୁଣ୍ଡାବେଡା ଓ କଦମଗୁଡ଼ା ଗ୍ରାମ ଜଙ୍ଗଲରେ ପୁଲିସ୍ ମାଓବାଦୀଙ୍କ ଦ୍ୱାରା ପୋତା ଯାଇଥିବା ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ସୂଚନା ପାଇ ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ-ଡିଭିଏଫ୍ ପକ୍ଷରୁ ତଲାସୀ ଅଭିଯାନ ସମୟରେ ୩୭ ପ୍ରକାରର ମାଓ ସାମଗ୍ରୀ ଉଦ୍ଧାର କରାଯାଇଛି । ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଏଭଳି ତଲାସୀ ଅଭିଯାନ ଜାରି ରହିବ ।

ଜିଲ୍ଲାରେ ଗତବର୍ଷ ଜାନୁୟାରୀରୁ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୨ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବାବେଳେ ୨୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁର ସକ୍ରିୟ ପ୍ରଭାବରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଭାଗର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି । ସୂଚନା ଅନୁସାରେ କନ୍ଧମାଳ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର କେତେକ ସ୍ଥାନରେ ଆଜି ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଓଡ଼ିଶା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ' ଆସନ୍ତା ବୁଧବାରଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟରେ ସର୍ବାଧିକ ୯୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

****